# ଆଦିବାସୀ ମେଳା- ୨୦୨୧
## ପ୍ରେସ୍ ନୋଟ୍

**୨୬.୦୧.୨୦୨୧**

୧୯୫୪ ମସିହାଠାରୁ ନିରବଚ୍ଛିନ୍ନ ଭାବେ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇ ଆସୁଛି । ୧୯୫୧ ମସିହା ଜନରାଜ୍ୟ ଦିବସରେ ପ୍ରଥମ ଥର କଟକରେ ଆଦିବାସୀ ମେଳାର ଶୁଭାରମ୍ଭ ହୋଇଥିଲା ।

ଆଦିବାସୀ ମାନଙ୍କର ସଂସ୍କୃତି, ଜୀବନ ଶୈଳୀ, କଳା ଓ ସ୍ଥାପତ୍ୟକୁ ପ୍ରଦର୍ଶନ କରିବା ସହ ବିଭିନ୍ନ ଲଘୁ ବନଜାତ ସାମଗ୍ରୀ ଏବଂ ଜନଜାତିଙ୍କ ଉତ୍ପାଦକୁ ବିପଣନ କରାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ । ପୂର୍ବରୁ ଏହି ମେଳା ୭ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଜନସାଧାରଣଙ୍କ ଆଗ୍ରହ ଓ ଜନଜାତିଙ୍କ ଉତ୍ପାଦର ବିପଣନ ନିମନ୍ତେ ୨୦୧୦ ମସିହାରୁ ଏହାକୁ ୧୫ ଦିନକୁ ବୃଦ୍ଧି କରାଗଲା ।

- ❖ କୋଭିଡ୍ ମହାମାରୀ ଜନିତ ଆଚରଣ ବିଧି ଲାଗୁ ହେବା କାରଣରୁ ଚଳିତ ବର୍ଷ ଆଦିବାସୀ ମେଳା – ୨୦୨୧କୁ ନିୟନ୍ତ୍ରିତ ଭାବେ ମିଶ୍ରିତ ପ୍ରକାରେ (Hybrid Mode) ରେ ଅନୁଷ୍ଠିତ ହେଉଛି । ଯେଉଁଠି ଉଭୟ Virtual Mode ସହ ପ୍ରତ୍ୟକ୍ଷ ରୂପ (Physical Mode) ରେ ମେଳା କରାଯାଉଛି । Physical Mode ରେ ଆଦିବାସୀ ମେଳା, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ -୧ ରେ ଜାନୁୟାରୀ ୨୬, ୨୦୨୧ରୁ ଫେବୃୟାରୀ ୯, ୨୦୨୧ ପର୍ଯ୍ୟନ୍ତ ଦିବା ୧୧ ଘଟିକାରୁ ସନ୍ଧ୍ୟା ୭ଟା ମଧ୍ୟରେ ଅନୁଷ୍ଠିତ ହେବ ।
- ❖ କେବଳ ଜନଜାତିଙ୍କ ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀ ତଥା ସଂଗୃହୀତ ଲଘୁ ବନଜାତ ସାମଗ୍ରୀକୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ବିକ୍ରୟର ବ୍ୟବସ୍ଥା କରାଯାଇଛି ।
- ❖ ସ୍ୱୟଂ ସହାୟକ ଗୋଷ୍ଠୀମାନେ 22 ଗୋଟି ITDA ଓ 17 ଗୋଟି ଅଣୁ ପ୍ରକଳ୍ପ (Micro Project) ର ଅଧିକାରୀଙ୍କ ଦ୍ୱାରା ମନୋନିତ ହୋଇଛନ୍ତି । କେବଳ ୯୦ ଗୋଟି ଷ୍ଟଲ ମାଧ୍ୟମରେ ବିକ୍ରିବଟାର ସୁବିଧା କରାଯାଇଛି ।
- ❖ ଜନଜାତିଙ୍କ ନିମନ୍ତେ ପ୍ରବର୍ତ୍ତିତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଏବଂ ଏଗୁଡ଼ିକର ଉଦ୍ଦେଶ୍ୟ ତଥା ସଂପାଦିତ କାର୍ଯ୍ୟଧାରାକୁ ମେଳା ସମୟରେ ପ୍ରଦର୍ଶିତ କରାଯାଉଛି ଯାହା ପରିଦର୍ଶକ ମାନଙ୍କୁ ସଚେତନ କରିବାରେ ସହାୟକ ହେବ ।
- ❖ ସୁରକ୍ଷା ଦୃଷ୍ଟି କୋଣରୁ ତଥା ଭିଡ଼ରୁ ରକ୍ଷା ପାଇବାକୁ ଇଚ୍ଛୁକ ପରିଦର୍ଶକ ମେଳା ୱେବସାଇଟ୍ https://www.adivasimela2021.com/ ମାଧ୍ୟମରେ ପଞ୍ଜିକରଣ କରୁଛନ୍ତି ।
- ❖ ସାଧାରଣ ଜନତା ମଧ୍ୟ ଏହି ସୁବିଧା ହାସଲ କରି ମେଳା ପରିସରକୁ ସେମାନଙ୍କ ନିର୍ଦ୍ଧାରିତ ଦିବସରେ ଓ ସମୟରେ ଗହଳି ମୁକ୍ତ ପ୍ରବେଶ କରିବାର ସୁବିଧା ନେବା ପାଇଁ ଅନୁରୋଧ ।
- ❖ Virtual Mode ରେ ଦର୍ଶକ ମାନେ ଜନଜାତିଙ୍କ ସହ ସାଂସ୍କୃତିକ ଆଳାପ, ଜ୍ଞାନ ଆଦାନ ପ୍ରଦାନ, ଜନଜାତି କଳା, ସ୍ଥାପତ୍ୟ, ରନ୍ଧନକଳା, ଇତ୍ୟାଦି ସାମଗ୍ରୀର ବିପଣନ ସହ ଦେଖି ପାରିବେ ।

- Covid-19 କଟକଣା ଯୋଗୁଁ ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତି ସାମଗ୍ରୀର E- Marketing ର ବ୍ୟବସ୍ଥା କରାଯାଇଛି, ଆଗ୍ରହୀ ଗ୍ରାହକ ଘରେ ବସି ଆବଶ୍ୟକ ସାମଗ୍ରୀ କିଣିବାର ସୁବିଧା ନେଇ ପାରିବେ ।
- ପ୍ରବେଶ ଦ୍ୱାରରେ Sanitizer, Thermal Scanner ବ୍ୟବସ୍ଥା କରାଯାଇଛି । ମୁହଁରେ ମାସ୍କ ଲଗାଇବା ଏବଂ ସାମାଜିକ ବ୍ୟବଧାନ ବଜାୟ ରଖିବା ଜରୁରୀ । ପଞ୍ଜିକୃତ ଦର୍ଶକଙ୍କ ପାଇଁ ସ୍କାନର ଦ୍ୱାରା ସଠିକତା ନିର୍ଦ୍ଧାରଣ କରାଯାଇ ପ୍ରବେଶ ଅନୁମତି ମିଳିବ ।
- ଶୃଙ୍ଖଳା ରକ୍ଷା ପାଇଁ କମିଶନରେଟ ପୋଲିସ୍ ଭୁବନେଶ୍ୱରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି, ଏହାଛଡ଼ା ମେଳା କର୍ତ୍ତୃପକ୍ଷଙ୍କ ତରଫରୁ ମଧ ଆବଶ୍ୟକତା ଅନୁଯାୟୀ ସୁରକ୍ଷାକର୍ମୀ କମିଶନରେଟ୍ ପୋଲିସ୍‌ଙ୍କ ତତ୍ୱାବଧାନରେ ରଖାଯାଇଛି ।
- ପ୍ରବେଶ ଦ୍ୱାରକୁ ଅଧିକା ପ୍ରଶସ୍ତ କରାଯାଇ ଯେପରି ତିନି ଧାଡ଼ିରେ ଦର୍ଶକ ଯାଇପାରିବେ, ସେପରି ବ୍ୟବସ୍ଥା କରାଯାଇଛି ଏବଂ ଅନ୍ୟ ଏକ ଧାଡ଼ିରେ ଦର୍ଶକ ବାହାରି ପାରିବାର ବ୍ୟବସ୍ଥା କରାଯାଇଛି ।
- ଦର୍ଶକଙ୍କ ଆଗମନକୁ ଦେଖି ଆବଶ୍ୟକ ସ୍ଥଳେ ଯେ କୌଣସି ସମୟରେ ଅଧିକା ବା କମ୍ ଦର୍ଶକ ଛଡାଯିବ ।
- ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ କାର୍ଯ୍ୟାଳୟ ପ୍ରବେଶ ଦ୍ୱାର ଦେଇ କେବଳ ଗାଡି ପାସ୍ ଧାରୀ ଚାରି ଚକିଆ ଗାଡି ଗୁଡିକ ଭିତରେ ପ୍ରବେଶ କରି ପାରିବ ।
- କୋଭିଡ୍ ପ୍ରୋଟୋକଲ ଅନୁସାରେ ଦିଆଯାଇଥିବା ସମୟ ମଧରେ ଏକକାଳୀନ ୧୫୦୦ରୁ ଅଧିକ ଦର୍ଶକ ଭିତରକୁ ଯାଇପାରିବେ ନାହିଁ ।
- ପ୍ରଦର୍ଶନୀ ପଡ଼ିଆ ମଧରେ ବିଭିନ୍ନ ସ୍ଥାନରେ Public Address System ଲଗାଯାଇ Covid ମାର୍ଗଦର୍ଶୀକା  ପରିପାଳନ ପାଇଁ ବାରମ୍ବାର ସଚେତନ କରାଇବାର ବ୍ୟବସ୍ଥା କରାଯାଇଛି ।
- ସମଗ୍ର ମେଳା ପଡ଼ିଆକୁ WiFi ସଂଯୁକ୍ତ କରାଯାଇଛି । ଦର୍ଶକମାନେ ଅତିବେଶିରେ ୧୫ ମିନିଟ WiFi ସହ ସଂଯୋଗ ହୋଇପାରିବେ ।

***